# NATIONAL NEWS BULLETIN (ODIA)
## 15 March - 2025
## Evening Bulletin : 7.15 P.M.

*************************************

## ମୁଖ୍ୟ ସମ୍ବାଦ

- ମିଜୋରାମର ସାମଗ୍ରୀକ ବିକାଶ ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବିକଶିତ ହେଉଥିବା ନୂତନ ଷ୍ଟାର୍ଟ-ଅପ୍ ଗୁଡ଼ିକୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବେ ସରକାର; କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ସୂଚନା
- ପଦ୍ମ ପୁରସ୍କାର-୨୦୨୬ ଲାଗି ଆଜିଠାରୁ ଆରମ୍ଭ ହେଲା ନାମାଙ୍କନ ଦାଖଲ ପ୍ରକ୍ରିୟା
- 'ଫିଟ୍ ଇଣ୍ଡିଆ କାର୍ନିଭାଲ'ର ଆସନ୍ତାକାଲି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ

ଏବଂ

- ଡବ୍ଲ୍ୟୁ-35 ନୋନ୍ଥାଭୁରୀ ମହିଳା ଡବଲ୍ସ ଟାଇଟଲ୍ ହାସଲ କଲେ ଭାରତର ବୈଦେହି ଚୌଧୁରୀ ଓ ରଶ୍ମିକା ଭାମିଦିପାତି

# ଶାହା-ମିଜୋରାମ୍

ମିଜୋରାମ୍‌ର ସାମଗ୍ରୀକ ବିକାଶ ଲାଗି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି। ଆସାମ ରାଇଫଲ୍‌ସର ମୁଖ୍ୟାଳୟକୁ କେନ୍ଦ୍ରୀୟ ଏଜୱାଲରୁ ଜୋଖା-ୱାସଙ୍ଗକୁ ସ୍ଥାନାନ୍ତର କରିବା ଅବସରରେ ଆଜି ଆଇଜଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ମିଜୋରାମ୍‌ର ବିକାଶ ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଆସାମ୍ ରାଇଫଲ୍‌ସର ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା ଲାଗି ଦୀର୍ଘଦିନର ଦାବିକୁ ପୂରଣ କରାଯାଇଛି। ଏହା କେବଳ ଏକ ପ୍ରଶାସନିକ ପଦକ୍ଷେପ ନୁହେଁ, ବରଂ ମିଜୋରାମ୍‌ବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କର ରହିଥିବା ପ୍ରତିବଦ୍ଧତା ଏଥିରେ ପ୍ରତିଫଳିତ ହେଉଛି ବୋଲି ଶ୍ରୀ ଶାହା କହିଛନ୍ତି। ଏହି ଐତିହାସିକ ନିଷ୍ପତ୍ତିକୁ ବାସ୍ତବ ରୂପ ଦେଇଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହାର ଶ୍ରେୟ ଦେଇଛନ୍ତି। ଏହାଛଡ଼ା ଦେଶର ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ବଜାୟ ରଖିବା ଦିଗରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଏହି ଅବସରରେ ଶ୍ରୀ ଶାହା ଆଲୋକପାତ କରିଛନ୍ତି। ମିଜୋରାମ ବାସୀଙ୍କ ଲାଗି ଏକ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ତଥା ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ଶାହା କହିଛନ୍ତି।

**V/O-AMIT-SHAH-IN-MIZORAM**

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆଜି ଗୌହ୍ୱାଟୀରେ ରାତ୍ରୀଯାପନ କରି ଆସନ୍ତାକାଲି କୋକ୍ରାଝର ଜିଲ୍ଲାର ଡୋଟମାଠାରେ ବୋଡୋ ଛାତ୍ର ସଂଗଠନର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରିବେ । ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକରେ ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

## ଅଶ୍ୱିନ ବୈଷ୍ଣବ- ତାମିଲନାଡୁ

ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବିକଶିତ ହେଉଥିବା ନୂତନ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ କେନ୍ଦ୍ର ସରକାର ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବେ ବୋଲି ରେଳବାଇ, ସୂଚନା ଓ ପ୍ରସାରଣ ତଥା ଇଲେକ୍‌ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।  ତାମିଲନାଡୁ ଗସ୍ତ ଅବସରରେ ଶ୍ରୀ ବୈଷ୍ଣବ ଆଜି ଥାୟୁରରେ   ହାଇପରଲୁପ୍ ପ୍ରକଳ୍ପ ବିକଶିତ କରିଥିବା ସ୍ଥାନୀୟ ଆଇ.ଆଇ.ଟି. ଛାତଛାତ୍ରୀଙ୍କ ସହିତ ଭାବବିନିମୟ କରି ଏହା କହିଛନ୍ତି । ଏହି ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେବା ସହ ଅଭିନବ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ ଆଦର୍ଶ ପ୍ରକଳ୍ପ ବିକାଶ କରିବା ଉପରେ ଧ୍ୟାନ ଦେବାକୁ ସେ ଆଇ.ଆଇ.ଟି. ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଚେନ୍ନାଇ ନିକଟସ୍ଥ ଶ୍ରୀପେରୁମ୍ବୁଦୁରଠାରେ ଜେଟ୍‌ୱର୍କ ଇଲେକ୍‌ଟ୍ରୋନିକ୍ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି, ତାମିଲନାଡୁର ଶ୍ରୀପେରୁମ୍ବୁଦୁର ଏବଂ ମାନାଲୁରଠାରେ ୧ ହଜାର ୧୧୨ କୋଟି ଟଙ୍କା ବ୍ୟୟ କରାଯାଇ ଦୁଇଟି ଇଲେକ୍‌ଟ୍ରୋନିକ୍ ଶିଳ୍ପ ସ୍ଥାପନ କରାଯିବ। ଏହାଛଡ଼ା ଜେଟ୍‌ୱର୍କ ଇଲେକ୍‌ଟ୍ରୋନିକ୍ସ କେନ୍ଦ୍ରକୁ ୧୫ ଏକର ପରିମିତ ଅଞ୍ଚଳରେ ଅଧିକ ବିକଶିତ କରାଯିବ ଏବଂ ଏଥିଲାଗି ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ଆଗାମୀ ୮ ମାସ ମଧ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ୮ ହଜାର ଲୋକଙ୍କୁ ଏଠାରେ ନିଯୁକ୍ତି ସୁଯୋଗ ମିଳିବ। ଏହି କେନ୍ଦ୍ରରେ ଅନ୍ତତଃ ୮୦ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ଦିଆଯିବା ସମ୍ପର୍କରେ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଇଲେକ୍‌ଟ୍ରୋନିକ୍ସ ଉତ୍ପାଦ ରପ୍ତାନୀ କ୍ଷେତ୍ରରେ ତାମିଲନାଡୁ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ରହିଛି। ବୈଷୟିକ ଜ୍ଞାନକୌଶଳ ଅଭିବୃଦ୍ଧି କ୍ଷେତ୍ରରେ ଦେଶରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ତାମିଲନାଡୁରେ ରେଳବାଇ ନେଟୱର୍କ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟରେ ଅମୃତ ଯୋଜନା ଅଧୀନରେ ୭୭ଟି ରେଳଷ୍ଟେସନ୍‌ର ନବୀକରଣ କରାଯିବ। ତାମିଲନାଡୁରେ ବର୍ତ୍ତମାନ ୮ଟି ବନ୍ଦେ ଭାରତ

ଟ୍ରେନ୍ ଚଳାଚଳ କରୁଥିବାବେଳେ  ୭୧୫ଟି ରେଳ ଓଭରବ୍ରିଜ୍ କାମ ଚାଲୁ ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ପଦ୍ମ ଆୱାର୍ଡସ

ପଦ୍ମ ପୁରସ୍କାର ୨୦୨୬ ଲାଗି ଆଜିଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ଏହି ପଦ୍ମ ପୁରସ୍କାର ଲାଗି ନାମାଙ୍କନପତ୍ର ଦାଖଲର ଶେଷ ଦିନ ହେଉଛି, ଚଳିତ ବର୍ଷ ଜୁଲାଇ ୩୧ ତାରିଖ। ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲରେ ଅନଲାଇନ୍ ମାଧ୍ୟମରେ ପଦ୍ମ ବିଭୂଷଣ, ପଦ୍ମଭୂଷଣ, ପଦ୍ମଶ୍ରୀ ଭଳି ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ଲାଗି ନାମାଙ୍କନ ଏବଂ ସୁପାରିସ ଗ୍ରହଣ କରାଯିବ। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ସମାଜସେବା, ବିଜ୍ଞାନ, ଲୋକସେବା, ବାଣିଜ୍ୟ, ଶିଳ୍ପ, ଜନବ୍ୟାପାର ତଥା ମେଡିସିନ୍ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ନିର୍ବିଶେଷରେ ଉତ୍କୃଷ୍ଟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥାଏ। ତେବେ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଡାକ୍ତର, ବୈଜ୍ଞାନିକଙ୍କ ଭଳି ସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ଲାଗି  ବିବେଚିତ କରାଯାଏ ନାହିଁ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ

ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୫ ତାରିଖ ମଧ୍ୟରେ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ମାଣ୍ଡବୀୟ- ଫିଟ୍ ଇଣ୍ଡିଆ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ ଆସନ୍ତାକାଲି ନୂଆଦିଲ୍ଲୀରେ 'ଫିଟ୍ ଇଣ୍ଡିଆ କାର୍ନିଭାଲ'ର ଶୁଭାରମ୍ଭ କରିବେ। ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ଏହି ତିନିଦିନିଆ ଫିଟନେସ୍

ସମାରୋହ ଅନୁଷ୍ଠିତ ହେବ। ଏକ ସୁସ୍ଥ ତଥା ମେଦବହୁଳ ମୁକ୍ତ ଫିଟ୍ ଇଣ୍ଡିଆ ଅଭିଯାନର ଦୃଷ୍ଟିକୋଣ ସହିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଚଳଚଞ୍ଚଳ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ହେଉଛି, ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ସ୍କିପିଂ, ସ୍ଥିର ସାଇକେଲିଂ, କ୍ରିକେଟ ବୋଲିଂ ଭଳି ଅନେକଗୁଡ଼ିଏ କ୍ରୀଡ଼ାଭିତ୍ତିକ କାର୍ଯ୍ୟକଳାପ ଅନୁଷ୍ଠିତ ହେବ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଆୟୁଷ୍ମାନ ଖୁରାନା ମଧ୍ୟ ଉପସ୍ଥିତ ରହିବେ। ଏହି ସମାରୋହରେ ଆସନ୍ତା ୨୦ ତାରିଖଠାରୁ ନୂଆଦିଲ୍ଲୀର ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତାର ଲୋଗୋ ଓ ସଙ୍ଗୀତ ମଧ୍ୟ ଉନ୍ମୋଚନ କରାଯିବ।

## ଖାଉଟି ଦିବସ

ବିଶ୍ୱ ଖାଉଟି ଅଧିକାର ଦିବସ ଆଜି ପାଳନ କରାଯାଉଛି । ପ୍ରତିବର୍ଷ ମାର୍ଚ୍ଚ ମାସ ୧୫ ତାରିଖ ଦିନ ଖାଉଟିମାନଙ୍କ ଅଧିକାରର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି– ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷ ଖାଉଟି ଅଧିକାର ଦିବସର ବାର୍ତ୍ତା ରହିଛି 'ସ୍ଥାୟୀ ଜୀବନଶୈଳୀ ପାଇଁ ଆବଶ୍ୟକ ପରିବର୍ତ୍ତନ' ।

ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଉପଭୋକ୍ତାମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । 'ଜାଗୋ ଗ୍ରାହକ ଜାଗୋ' କାର୍ଯ୍ୟକ୍ରମ ଅଧୀନରେ ଖାଉଟିମାନଙ୍କୁ ମଧ୍ୟ ସଚେତନ କରାଯାଉଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା..

**V/O- DIPENDRA-CONSUMER-DAY**

# ରୁଷ୍-ୟୁକ୍ରେନ୍

ରୁଷ୍ ଓ ୟୁକ୍ରେନ୍ ପରସ୍ପର ଉପରେ ଗତ ରାତିରେ ୧୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିବା ସୂଚନା ମିଳିଛି। ଦୁଇଦେଶ ମଧ୍ୟରେ ୩୦ ଦିନିଆ ଅସ୍ତ୍ରବିରତି ଲାଗି  ଆମେରିକାର ପ୍ରସ୍ତାବ ସମ୍ପର୍କରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଆମେରିକାର ଦୂତ ଷ୍ଟିଭ୍ ୱିଟ୍‌କ୍ ଅଫ୍‌ଙ୍କ ସହିତ ଆଲୋଚନା କରିବାର ୨୪ ଘଣ୍ଟା ନ ପୂରୁଣୁ ଏହି ଆକ୍ରମଣ ହୋଇଥିବା ଜଣାଯାଇଛି। ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆକ୍ରମଣ କରିଥିବା ପ୍ରାୟ ୧୨୬ଟି ୟୁକ୍ରେନ୍ ଡ୍ରୋନ୍‌କୁ ମାରି ତଳକୁ ଖସାଇ ଦିଆଯାଇଥିବାବେଳେ ସେଥିମଧ୍ୟରୁ ୬୪ଟି ଡ୍ରୋନ୍‌କୁ ଭୋଲ୍‌ବୋଗ୍ରାଡ୍ ଅଞ୍ଚଳରେ ନଷ୍ଟ କରି ଦିଆଯାଇଛି ବୋଲି ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଅନ୍ୟପକ୍ଷରେ ୟୁକ୍ରେନ୍ ବାୟୁସେନା ପକ୍ଷରୁ କୁହାଯାଇଛି, ଗତକାଲି ରୁଷ୍ ପ୍ରାୟ ୧୭୮ଟି ଡ୍ରୋନ୍ ଓ ଦୁଇଟି ବାଲିଷ୍ଟିକ୍

ମିସାଇଲ୍ ଆକ୍ରମଣ କରିଛି । ସେଥିମଧ୍ୟରୁ ୧୩୦ଟି ଡ୍ରୋନ୍‌କୁ ୟୁକ୍ରେନ୍ ନଷ୍ଟ କରିଦେଇଛି ।

## ଟେନିସ୍- ନୋନ୍ଥାବୁରୀ

ଭାରତର ବୈଦେହି ଚୌଧୁରୀ ଓ ରଶ୍ମିକା ଭାମିଦିପାତିଙ୍କ ଯୋଡ଼ି ଡବ୍ଲ୍ୟୁ-୩୫ ନୋନ୍ଥାଭୁରୀ ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଛନ୍ତି । ଥାଇଲାଣ୍ଡରେ ଆଜି ଅନୁଷ୍ଠିତ ଏହି ମ୍ୟାଚ୍‌ର ଫାଇନାଲରେ ଭାରତୀୟ ଯୋଡ଼ି ଜାପାନ୍‌ର ୟୁ.କି.ନାଇଟୋ ଓ ଥାଇଲାଣ୍ଡର ପୁନିନ୍ କୋଭା-ପିଟୁକ-ଟେଡ୍‌ଙ୍କ ଯୋଡ଼ିକୁ ୬-୪, ୬-୩ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି ।